# ସାଧାରଣ ପ୍ରଶାସନ ବିଭାଗ
# ସଂଖ୍ୟା ୭୯୦୩ - ସା·ପ୍ର·ବି·

ପ୍ରେରକ - ଶ୍ରୀ ରାଜକିଶୋର ଭୁଜବଳ, ମୁଖ୍ୟ ଶାସନ ସଚିବ

ପ୍ରାପ୍ତେଷୁ - ସମସ୍ତ ବିଭାଗୀୟ ଶାସନ ସଚିବ

ତାରିଖ ୧୫ ଅପ୍ରେଲ ୧୯୯୭

ବିଷୟ - କାମଚଳା (Ad hoc)ଭିତ୍ତିରେ ଦିଆଯାଇଥିବା ପଦୋନ୍ନତିର ନିୟମିତିକରଣ ସଂକ୍ରାନ୍ତରେ ।

ମହାଶୟ,

ପଦୋନ୍ନତି କ୍ଷେତ୍ରରେ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ପାଇବା ପରେ କାଳ ବିଳମ୍ବ ନକରି ଓଡିଶା ଲୋକସେବା ଆୟୋଗଙ୍କ ସୁପାରିଶ ନିମିତ୍ତ ପ୍ରସ୍ତାବ ପଠାଇବାର ବ୍ୟବସ୍ଥା ବିଭିନ୍ନ ନିଯୁକ୍ତି ନିୟମାବଳୀରେ ରହିଛି । ଓଡିଶା ଲୋକସେବା ଆୟୋଗଙ୍କସୁପାରିଶକୁ ଅପେକ୍ଷା ନକରି କାମଚଳା ପଦୋନ୍ନତି ଦେବା ସମ୍ବନ୍ଧରେ ଏହି ବାଭାଗର ଅର୍ଦ୍ଧ ସରକାରୀ ଚିଠି ସଂଖ୍ୟା ୧୬୧୭, ତାରିଖ ୨୦ ଜାନୁଆରୀ ୧୯୯୨ ରେ କେତେକ ନିର୍ଦ୍ଦେଶାବଳୀ ବିଭିନ୍ନ ବିଭାଗକୁ ଜଣାଇ ଦିଆଯାଇଥିଲା । ଏହି ନିର୍ଦ୍ଦେଶାବଳୀରେ ବିଭିନ୍ନ ପଦବୀରେ ଯେଉଁ ସବୁ ଶୂନ୍ୟସ୍ଥାନ ନିର୍ଦ୍ଦିଷ୍ଟ ଭାବେ ଆଗରୁ ଚିହ୍ନଟ କରିହେବ, ସେ କ୍ଷେତ୍ରରେ ପ୍ରଥମେ ଓଡିଶା ଲୋକସେବା ଆୟୋଗଙ୍କର ସୁପାରିଶ ଆଣିବା ପରେ ପଦୋନ୍ନତି ଦେବା ଏବଂ କେବଳ କେତେକ ବିଶେଷ କ୍ଷେତ୍ରରେ ହିଁ କାମଚଳା ପଦୋନ୍ନତି ଦେବା ପାଇଁ ନିର୍ଦ୍ଦେଶ ରହିଥିଲା ।

୨. ଉପରୋକ୍ତ ନିର୍ଦ୍ଦେଶ ସତ୍ତ୍ୱେ ପଦୋନ୍ନତି କ୍ଷେତ୍ରରେ ପ୍ରାୟତଃ କାମଚଳା ଦେବାପରେ ଠିକ୍ ସମୟରେ ଓଡିଶା ଲୋକସେବା ଆୟୋଗଙ୍କର ସୁପାରିଶ ଆଣି ଏହି କାମଚଳା ପଦୋନ୍ନତିକୁ ନିୟମିତିକରଣ କରାଯାଉ ନଥିବା ଏବଂ ଅଯୌକ୍ତିକ ଭାବେ ଏହି କାମଚଳା ନିଯୁକ୍ତିକୁ ପର୍ଯ୍ୟାୟକ୍ରମେ ବୃଦ୍ଧି କରାଯାଉଥିବାର ଅନେକ ଦୃଷ୍ଟାନ୍ତ ସରକାରଙ୍କ ଦୃଷ୍ଟିକୁ ଆସିଥିଲା ।

୩. ଏହି ପରିପ୍ରେକ୍ଷୀରେ ଏହି ବିଭାଗ ପତ୍ର ସଂଖ୍ୟା ୨୧୮୩୩, ତାରିଖ ୨୮ ସେପ୍ଟେମ୍ବର ୧୯୯୫ ରେ କାମଚଳା ଭିତ୍ତିରେ ଦିଆଯାଇଥିବା ପଦୋନ୍ନତି ନିୟମିତିକରଣ ସଂକ୍ରାନ୍ତରେ ପୁନରାୟ ନିର୍ଦ୍ଦେଶାବଳୀ ସମସ୍ତ ବିଭାଗର ଶାସନ ସଚିବମାନଙ୍କୁ ଦିଆଯାଇଥିଲା ।

୪. ଏହାସତ୍ତ୍ୱେ ବିଭିନ୍ନ ରାଜ୍ୟସେବାରେ ନିଯୁକ୍ତି କ୍ଷେତ୍ରରେ ଠିକ ସମୟରେ ପଦକ୍ଷେପ ନିଆଯାଉ ନଥିବାରୁ ଟ୍ରିବ୍ୟୁନାଲରେ ଅନେକ ମୋକଦ୍ଦମା ସୃଷ୍ଟି ହେଉଛି । ସ୍ପଷ୍ଟ ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ବିଭାଗୀୟ ପଦୋନ୍ନତି କମିଟିର ସୁପାରିଶ ଭିତ୍ତିରେ କାମଚଳା ପଦୋନ୍ନତି ଦେବା ସମୟରେ ଓଡିଶା ଲୋକସେବା ଆୟୋଗଙ୍କୁ ତାଙ୍କ ସୁପାରିଶ ଦେବାପାଇଁ ଅନୁରୋଧ କରାଯାଉନାହିଁ । ତା'ଛଡା ଓଡିଶା ପ୍ରଶାସନିକ ସେବ, ଓଡିଶା ଅର୍ଥ ସେବା, ଓଡିଶା ସମବାୟ ସେବା, ଓଡିଶା ଡାକ୍ତରୀ ସେବା, ଓଡିଶା ଇଞ୍ଜିନିୟରିଂ ସେବା ଇତ୍ୟାଦି ପଦବୀଗୁଡିକରେ ପ୍ରତିବର୍ଷ ନିୟମତି ଭାବେ ଓଡିଶା ଲୋକସେବା ଆୟୋଗଙ୍କ ସୁପାରିଶ ଆଣି ନିଯୁକ୍ତି ଦିଆଯିବା କ୍ଷେତ୍ରରେ ଚରମ ଅବହେଳାର ଦୃଷ୍ଟାନ୍ତ ସରକାରଙ୍କ ଦୃଷ୍ଟିକୁ ଆସିଛି ।

୫. ଏଣୁ ନିୟମିତ ନିଯୁକ୍ତି/ପଦୋନ୍ନତି ଏବଂ କାମଚଳା ପଦୋନ୍ନତି କ୍ଷେତ୍ରରେ ଏ ପ୍ରକାର ଅବ୍ୟବସ୍ଥାକୁ ଦୂର କରିବା ପାଇଁ ସମସ୍ତ ବିଭାଗକୁ ନିମ୍ନମତେ ନିର୍ଦ୍ଦେଶ ଦିଆଯାଉଛି :-

(କ) ବିଭିନ୍ନ ନିୟମିତ ସେବାରେ ସିଧାସଳଖ ନିଯୁକ୍ତି ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ବିଭିନ୍ନ ବିଭାଗର ସଚିବମାନେ ପୂର୍ବବର୍ଷ ମାନଙ୍କର ଯଥା ୧୯୯୬, ୧୯୯୫ ଓ ୧୯୯୪ର ପୂରଣ ହୋଇ ନଥିବା ପଦବୀ (ଯଦି ଥାଏ) ସେଗୁଡିକର ତଥା ୧୯୯୭ରେ ପୂରଣ ହେବାକୁ ଥିବା ସମ୍ଭାବ୍ୟ ଶୂନ୍ୟସ୍ଥାନ ବିବରଣୀ ସହ ସେଗୁଡିକ ପୂରଣ କରିବା ନିମନ୍ତେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଓଡିଶା ଲୋକସେବା ଆୟୋଗଙ୍କୁ ସାତ ଦିନ ମଧ୍ୟରେ ଅନୁରୋଧ କରିବେ ।

(ଖ) ଏପର୍ଯ୍ୟନ୍ତ ବିଭିନ୍ନ ସମ୍ବନ୍ଧରେ କାମଚଳା ପଦୋନ୍ନତି ଦିଆଯାଇ ମଧ୍ୟ ଯେଉଁସବୁ କ୍ଷେତ୍ରରେ ସେ ସବୁର ନିୟମିତିକରଣ ପାଇଁ ଲୋକସେବା ଆୟୋଗଙ୍କୁ ପ୍ରସ୍ତାବ ପଠାଯାଇ ନାହିଁ ତାହାର ବିବରଣୀ ମୋତେ ସାତ

ଦିନ ମଧ୍ୟରେ ପ୍ରଦାନ କରିବେ । ଏହିସବୁ ପ୍ରସ୍ତାବ ଲୋକସେବା ଆୟୋଗଙ୍କୁ ଉକ୍ତ ସମୟ ମଧ୍ୟରେ ପଠାଇବା ପାଇଁ ମଧ୍ୟ ପଦକ୍ଷେପ ନେବେ ।

(ଗ) ୧୯୯୭ ମସିହା ପାଇଁ ପଦୋନ୍ନତି ଜନିତ ଶୂନ୍ୟସ୍ଥାନଗୁଡିକ ପୂରଣ କରିବା ନିମନ୍ତେ ବିଭାଗୀୟ ପଦୋନ୍ନତି କମିଟି ବା ପ୍ରବରଣ ମଣ୍ଡଳୀର ବୈଠକ ନିୟମାନୁଯାୟୀ ଯଥା ସମୟରେ ଅନୁଷ୍ଠିତ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ । ପ୍ରବରଣ ମଣ୍ଡଳୀ ବୈଠକର ସାତ ଦିନ ମଧ୍ୟରେ ନିୟମିତିକରଣ ପାଇଁ ଲୋକସେବା ଆୟୋଗଙ୍କୁ ପ୍ରସ୍ତାବ ପଠାଯିବା ଆବଶ୍ୟକ ।

ଉପରୋକ୍ତ ନିର୍ଦ୍ଦେଶଗୁଡିକ ଅନୁପାଳନ କ୍ଷେତ୍ରରେ କୌଣସି ବ୍ୟତିକ୍ରମ ଘଟିଲେ ସଂପୃକ୍ତ ବିଭାଗୀୟ ଶାସନ ସଚିବ ବ୍ୟକ୍ତିଗତ ଭାବେ ଦାୟୀ ହେବେ ।

ଏହି ପତ୍ରର ପ୍ରାପ୍ତି ସ୍ୱୀକାର ଏହି ବିଭାଗକୁ ସୂଚୀତ କରିବା ପାଇଁ ଅନୁରୋଧ କରାଗଲା ।

**ଆପଣଙ୍କର ବିଶ୍ୱସ୍ତ,**
**ରାଜକିଶୋର**

**ଭୁଜବଳ**

**ମୁଖ୍ୟ ଶାସନ ସଚିବ**